# ମନୋଜ ବିହାରୀ ଲାଲ ମାଥୁର ଏବଂ ଅନ୍ୟଜଣେ

## ବନାମ

## ଡକ୍ଟର ଶାନ୍ତି ମାଥୁର ଏବଂ ଅନ୍ୟମାନେ

## ଡିସେମ୍ବର 2,1996

## [କେ. ରାମାସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା 1908:*

*ଧାରା 151, ଆଦେଶ 6 ନିୟମ 17 – ବାଦପତ୍ର ସଂଶୋଧନ – ଉତ୍ତରଦାତାଙ୍କୁ ମକଦ୍ଦମା ସମ୍ପତ୍ତିକୁ ହସ୍ତାନ୍ତର କରିବାରେ ନିଷେଧ କରୁଥିବା ସ୍ଥାୟୀ ନିଷିଦ୍ଧାଦେଶ ପାଇଁ ଅପିଲକାରୀ ମାଆଙ୍କ ଦ୍ୱାରା ଦାଖଲ ହୋଇଥିବା ମକଦ୍ଦମା – ବିଭାଜନ ଏବଂ ପୃଥକ ଦଖଲ ପାଇଁ ଅପିଲକାରୀଙ୍କ ଦ୍ୱାରା ଦ୍ୱିତୀୟ ମକଦ୍ଦମା ଦାଖଲ ହୋଇଥିଲା – ଏହା ପରେ ଅନ୍ୟ ଏକ ମକଦ୍ଦମା ଏହି ଘୋଷଣାନାମା ପାଇଁ ଦାଖଲ କରାଯାଇଥିଲା ଯେ ଉତ୍ତରଦାତା ଜଣେ ବେନାମୀଦାର ଏବଂ ସମ୍ପତ୍ତି ମିଳିତ ପରିବାରର ଥିଲା ଏବଂ ତେଣୁ, ଦାଖଲ ହୋଇଥିବା ମକଦ୍ଦମା ଅନୁସୂଚୀ ସମ୍ପତ୍ତି ବାଦପତ୍ରରେ ତାଙ୍କର କୌଣସି ଅଧିକାର, ସ୍ୱତ୍ୱ ଏବଂ ସ୍ୱାର୍ଥ ନାହିଁ – ପ୍ରାରମ୍ଭିକ ପ୍ରସଙ୍ଗ ବିଚାର ପାଇଁ ଆବେଦନ ଦାଖଲ କରାଯାଇଥିଲା – ଶେଷରେ ଅଭିବଚନରେ ସ୍ୱଚ୍ଛତା ଥିବା ସତ୍ତ୍ୱେ ଯେତେବେଳେ ମାମଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖକୁ ଆସିଥିଲା ସେତେବେଳେ ଏହି ନ୍ୟାୟାଳୟ ଏହି ମାମଲା ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଉତ୍ତରଦାତା ଜଣେ ବେନାମୀଦାର କି ନୁହେଁ ଏବଂ ବେନାମୀ କାରବାର (ନିଷେଧ) ଅଧିନିୟମ, 1988ର ବ୍ୟବସ୍ଥାଗୁଡ଼ିକ ଅପିଲକାରୀଙ୍କ ମାର୍ଗରେ ପ୍ରତିବନ୍ଧକ ସୃଷ୍ଟି କରିବ କି ନାହିଁ – ଏହାପରେ ବାଦପତ୍ର ସଂଶୋଧନ ପାଇଁ ଏହି ଆବେଦନ ଦାଖଲ ହୋଇଥିଲା ଯେ, ଅପିଲାକାରୀ - ବାଦୀଙ୍କ ତରଫରୁ ଉତ୍ତରଦାତା ଜଣେ ନ୍ୟାସୀ ଥିଲେ – ଆବେଦନଟି ବିଚାର କରୁଥିବା ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଖାରଜ ହୋଇଥିଲା – ଅପିଲ – ଦର୍ଶାଯାଇଛି – ବାଦପତ୍ରର ସଂଶୋଧନର ଆଶ୍ରୟ ନ ନେଇ, ବେନାମୀ କାରବାରର ଆଇନଗତ ପ୍ରଭାବ ଉପରେ ଆଧାର କରି ସେମାନଙ୍କ ଯୁକ୍ତି ଉପସ୍ଥାପନ ପାଇଁ ଏବଂ ଉତ୍ତରଦାତା ଯୌଥ ପରିବାରର ସୁବିଧା ପାଇଁ ସମ୍ପତ୍ତିର ନ୍ୟାସୀ ଥିଲେ ଏହା ଅପିଲାକରୀମାନଙ୍କ ପାଇଁ ଉନ୍ମୁକ୍ତ ଥିଲା – ସେହି ଉଦ୍ଦେଶ୍ୟରେ କୌଣସି ସ୍ପଷ୍ଟ ସଂଶୋଧନର ଆବଶ୍ୟକତା ନଥିଲା, କିମ୍ବା ବାଦପତ୍ରରେ ସଂଶୋଧନ କରିବାର ଆବଶ୍ୟକତା ନଥିଲା – ମକଦ୍ଦମାର ବିଚାର କରିବାକୁ କିମ୍ବା ଆଇନ ଅନୁଯାୟୀ ପ୍ରାରମ୍ଭିକ ପ୍ରସଙ୍ଗର ଫଏସଲା କରିବାକୁ ନିମ୍ନ ନ୍ୟାୟାଳୟ ଉନ୍ମୁକ୍ତ ଅଟନ୍ତି ।*

ଶିକ୍ଷାଞ୍ଚଳ ଶୁଳ୍କ ନିୟନ୍ତ୍ରକ, ଲକ୍ଷ୍ନୌ ବନାମ ଆଲୋକ ମିତ୍ର, **[1981] 2 SCC 121,** ପ୍ରଯୁଜ୍ୟ ନୁହେଁ ।

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 15351/ 1996

ସି ଆର୍ ପି ସଂଖ୍ୟା 27/95ରେ ଜୟପୁରର ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର 16.10.1995 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ ତାପସ ରାୟ ଏବଂ ଇନ୍ଦ୍ର ମକୱାନା ।

ଉତ୍ତରଦାତାମାନଙ୍କ ପାଇଁ ହରିଶ ସାଲଭେ, ପ୍ରଦୀପ ଅଗ୍ରୱାଲ, ସୁଶୀଲ କେ. ଜୈନ, ଏ. ପି. ଧମିଜା ଏବଂ ଏସ୍. ଆତ୍ରେୟା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଯାଇଛି ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ସିଆର ସଂଖ୍ୟା 27/95ରେ ଜୟପୁରର ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତିଙ୍କ ଅକ୍ଟୋବର 16, 1995 ଆଦେଶରୁ ଉତ୍ପନ୍ନ ହୋଇଛି ।

ସ୍ୱୀକାର କରାଯାଇଥିବା ତଥ୍ୟଗୁଡ଼ିକ ହେଉଛି ଯେ, ଅପିଲକାରୀଙ୍କ ମାଆ ପ୍ରଥମେ ଡ. ଶାନ୍ତି ମାଥୁର ଏବଂ ଅନ୍ୟମାନଙ୍କୁ ଡି-34, ସୁଭାଷ ମାର୍ଗ, ଡି-ସ୍କିମ୍, ଜୟପୁର ସମ୍ପତ୍ତି ହସ୍ତାନ୍ତରରୁ ନିବୃତ୍ତ ପାଇଁ ସ୍ଥାୟୀ ନିଷିଦ୍ଧାଦେଶ ପାଇଁ ମକଦ୍ଦମା ସଂଖ୍ୟା 318/88 ଦାଖଲ କରିଥିଲେ । ପରବର୍ତ୍ତୀ ସମୟରେ, ଅପିଲକାରୀମାନେ 1.12.1988 ରେ ବିଭାଜନ ଏବଂ ଯଥାକ୍ରମେ 1/4 ଏବଂ 3/4 ଅଂଶର ପୃଥକ ଦଖଲ ପାଇଁ ମକଦ୍ଦମା ଦାୟର କରିଥିଲେ । ଏହା ପରେ, ଡ. ଶାନ୍ତି ମାଥୁର ଜଣେ ବେନାମୀଦାର ଏବଂ ସମ୍ପତ୍ତି ଯୁଗ୍ମ ପରିବାରର ବୋଲି ଘୋଷଣା କରିବା ପାଇଁ ବର୍ତ୍ତମାନର ମକଦ୍ଦମା ସଂଖ୍ୟା 30/90 ଦାଖଲ କରାଯାଇଥିଲା, ତେଣୁ, ବାଦପତ୍ର ଅନୁସୂଚୀ ସମ୍ପତ୍ତିରେ ତାଙ୍କର କୌଣସି ଅଧିକାର, ସ୍ୱତ୍ୱ ଏବଂ ସ୍ୱାର୍ଥ ନାହିଁ । ପ୍ରାରମ୍ଭିକ ପ୍ରସଙ୍ଗ ଭାବେ 7 ସଂଖ୍ୟା ପ୍ରସଙ୍ଗର ବିଚାର ପାଇଁ ବିଚାର କରୁଥିବା ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରାଯାଇଥିଲା । ପରିଶେଷରେ, ଏହି ମାମଲାଟି ଏହି ନ୍ୟାୟାଳୟକୁ ଆସିଥିଲା, ଯେଉଁଥିରେ ଏହି ନ୍ୟାୟାଳୟ, ଡ. ଶାନ୍ତି ମାଥୁର ଜଣେ ବେନାମୀଦାର କି ନୁହେଁ ଏବଂ ବେନାମୀ କାରବାର (ନିଷେଧ) ଅଧିନିୟମ, 1988ର ବ୍ୟବସ୍ଥାଗୁଡ଼ିକ ଅପିଲକାରୀଙ୍କ ମାର୍ଗରେ ବାଧା ସୃଷ୍ଟି କରିବ କି ନାହିଁ, ଆବେଦନରେ ଥିବା ସ୍ୱଳ୍ପତା ନିର୍ବିଶେଷରେ, ଏହି ବିଷୟଗୁଡ଼ିକର ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ସମୟରେ, ଧାରା 151 ସିପିସି ସହ ଆଦେଶ 6, ନିୟମ 17 ଅନୁଯାୟୀ ଏକ ଆବେଦନ ବାଦପତ୍ରର ସଂଶୋଧନ ପାଇଁ ଏହି ଆଧାରରେ ଦାଖଲ କରାଯାଇଥିଲା ଯେ ଡ. ଶାନ୍ତି ମାଥୁର ଅପିଲକାରୀ-ବାଦୀମାନଙ୍କୁ

ତରଫରୁ ଜଣେ ନ୍ୟାସୀ ଥିଲେ । ବିଚାର କରୁଥିବା ନ୍ୟାୟାଳୟ ତଥା ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ଆଦେଶରେ ଆବେଦନକୁ ଖାରଜ କରିଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ଅପିଲାକରୀଙ୍କ ତରଫରୁ ହାଜର ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ତାପସ ରାୟଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ ଡ. ଶାନ୍ତି ମାଥୁର ଅପିଲକାରୀ-ବାଦୀ ଏବଂ ମିଳିତ ପରିବାରର ସଦସ୍ୟଙ୍କ ତରଫରୁ ନ୍ୟାସୀ ଭାବରେ ଏକ ବିଶ୍ୱାସଯୋଗ୍ୟ ସମର୍ଥନରେ ଦଣ୍ଡାୟମାନ ହୋଇଛନ୍ତି । ଯେଉଁ ପରିସ୍ଥିତିରେ ଡ. ଶାନ୍ତି ମାଥୁରଙ୍କ ନାମରେ ସମ୍ପତ୍ତିର କ୍ରୟ କରାଯାଇଥିଲା, ତାହା ସମସ୍ତ ତିନୋଟି ମକଦ୍ଦମାରେ ଦାଖଲ ହୋଇଥିବା ବାଦପତ୍ରରେ ବିସ୍ତୃତ ଭାବରେ କୁହାଯାଇଛି, ଯଦିଓ ମକଦ୍ଦମାରେ ଭିନ୍ନ ଭିନ୍ନ ପ୍ରତିକାର ଲୋଡ଼ା ଯାଇଛି । ପ୍ରଥମ ମକଦ୍ଦମାରେ, ଯେଉଁ ପ୍ରତିକାର ପାଇଁ ଅନୁରୋଧ କରାଯାଇଥିଲା ତାହା ଥିଲା ସ୍ଥାୟୀ ଏକ ନିଷିଦ୍ଧାଦେଶ ଏବଂ ଏହା ଅନୁରୋଧ କରାଯାଇଥିଲା ଯେ ଡ. ଶାନ୍ତି ମାଥୁର ସମ୍ପତ୍ତିକୁ ହସ୍ତାନ୍ତର କରିବାକୁ ଚେଷ୍ଟା କରୁଛନ୍ତି । ପରବର୍ତ୍ତୀ ସମୟରେ, ଯେତେବେଳେ ଏହା ହସ୍ତାନ୍ତର ହୋଇଥିବା ଜଣାପଡ଼ିଥିଲା, ବିଭାଜନ ପାଇଁ ମକଦ୍ଦମା ଦାୟର କରାଯାଇଥିଲା । ଯେତେବେଳେ ଡ. ଶାନ୍ତି ମାଥୁରଙ୍କ ତରଫରୁ ସମ୍ପତ୍ତିର ମାଲିକାନା ସ୍ୱାଧୀନ ଭାବରେ ସ୍ଥାପିତ କରାହେବାକୁ ନିଆଗଲା, ସେତେବେଳେ ଘୋଷଣା ପାଇଁ ତୃତୀୟ ମକଦ୍ଦମା ଦାୟର କରାଯାଇଥିଲା । ଏହି ପରିସ୍ଥିତିରେ, ଅନୁରୋଧ କରାଯାଇଥିବା ସଂଶୋଧନ ମକଦ୍ଦମାର ପ୍ରକୃତି କିମ୍ବା ବାଦ ପ୍ରକୃତିକୁ ପରିବର୍ତ୍ତନ କରେ ନାହିଁ; କିମ୍ବା କୌଣସି ଭିନ୍ନ ବାଦର କାରଣ ଉପସ୍ଥାପନ କରାଯାଇ ନାହିଁ । ଏପରିକି ଅସଙ୍ଗତ ଅଭିବଚନ ମଧ୍ୟ ବାଦୀମାନଙ୍କ ଦ୍ୱାରା ଯେକୌଣସି ପର୍ଯ୍ୟାୟରେ ଉଠାଯାଇପାରିବ ଏବଂ ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ବାଦପତ୍ରର ସଂଶୋଧନ ଆବଶ୍ୟକ କି ନାହିଁ ତାହା ଦେଖିବା ନ୍ୟାୟାଳୟର ନିଜସ୍ୱ ଅଧିକାର । ଏହି ମାମଲାରେ, ଭବିଷ୍ୟତର ଯୁକ୍ତି ପାଇଁ ଅସ୍ପଷ୍ଟତା ଛାଡିବା ପରିବର୍ତ୍ତେ, ବାଦପତ୍ରକୁ ସଂଶୋଧନ କରି ଏବଂ ଡ. ଶାନ୍ତି ମାଥୁର ନ୍ୟାସୀ ବୋଲି ଦାବି କରି, ଏକ ସ୍ପଷ୍ଟ ଆବେଦନ ନଥିଭୁକ୍ତ କରିବାକୁ ଆଶା କରାଯାଏ; ବାସ୍ତବରେ ସେ ଯୁଗ୍ମ ପରିବାର ତରଫରୁ ସମ୍ପତ୍ତି ଧାରଣ କରୁଥିବା ଜଣେ ନ୍ୟାସୀ ଏବଂ ତେଣୁ, ବିଚାର କରୁଥିବା ନ୍ୟାୟାଳୟ ତଥା ଉଚ୍ଚ ନ୍ୟାୟାଳୟ ବାଦପତ୍ରକୁ ସଂଶୋଧନ ମଞ୍ଜୁର କରିଥାନ୍ତେ ।

ଅପରପକ୍ଷରେ, ଉତ୍ତରଦାତାଙ୍କ ପକ୍ଷରୁ ହାଜର ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ହରିଶ ସାଲଭେ ଯୁକ୍ତି ବାଢ଼ିଥିଲେ ଯେ ଏହି ନ୍ୟାୟାଳୟ ଦ୍ୱାରା ଏକ ପୂର୍ବ ଅବସରରେ 7 ନମ୍ବର ପ୍ରସଙ୍ଗକୁ ଏକ ପ୍ରାରମ୍ଭିକ ପ୍ରସଙ୍ଗ ଭାବେ ସମାଧାନ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି, ଆବେଦନରେ ସ୍ୱଚ୍ଛତା ଥିବା ସତ୍ତ୍ୱେ, ନ୍ୟାୟାଳୟଙ୍କ ପାଖରେ ପ୍ରାରମ୍ଭିକ ପ୍ରସଙ୍ଗ ଉପରେ ବିଚାରକରିବା କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ଏହି ପର୍ଯ୍ୟାୟରେ ମାମଲାର ସମାଧାନ କରିବାରେ ଅସୁବିଧା ଅନୁଭବ କରି, (1) ଅପିଲକାରୀମାନେ କାର୍ଯ୍ୟାନୁଷ୍ଠାନଗୁଡ଼ିକକୁ ବିଳମ୍ବ କରିବା ଉଦ୍ଦେଶ୍ୟରେ ତିନୋଟି ଭିନ୍ନ ପର୍ଯ୍ୟାୟରେ ଭିନ୍ନ ଏବଂ ଅସଙ୍ଗତ ପ୍ରତିକାର ସହିତ ଯୁକ୍ତି ଉପସ୍ଥାପନ କରିଛନ୍ତି । ତେଣୁ, ଏହା ସୂଚିତ କରେ ଯେ ଅପିଲକାରୀଙ୍କ ପାଖରେ କୌଣସି ସୁସଂଗତ ମାମଲା ନାହିଁ । ଏହି ଉଦ୍ଦେଶ୍ୟରେ, ସଂଶୋଧନ, ଯଦି ଅନୁମତି ଦିଆଯାଏ, ମକଦ୍ଦମାର ପ୍ରକୃତି ଏବଂ ମକଦ୍ଦମାର ଚରିତ୍ରକୁ ପରିବର୍ତ୍ତନ କରିବ । ତେଣୁ ଏହି ସଂଶୋଧନକୁ ଅନୁମତି ଦେବା ସମୀଚୀନ ହେବ ନାହିଁ । ଉଚ୍ଚ ନ୍ୟାୟାଳୟ ତଥା ବିଚାର କରୁଥିବା ନ୍ୟାୟାଳୟ

ଏହି ସଂଶୋଧନକୁ ମଞ୍ଜୁର କରିବାକୁ ଠିକ ଭାବରେ ମନା କରିଦେଇଥିଲେ । ବିବିଧ ଯୁକ୍ତିକୁ ଦୃଷ୍ଟିରେ ରଖି, ବିଚାରକରିବା ପାଇଁ ଉଠୁଥିବା ପ୍ରଶ୍ନ ହେଉଛି:ଅପିଲକାରୀଙ୍କୁ ବାଦପତ୍ର ସଂଶୋଧନ କରିବାକୁ ଅନୁମତି ଦେବାକୁ ମନା କରିବାରେ ଉଚ୍ଚ ନ୍ୟାୟାଳୟ ଠିକ କି ? ଏହା ଦେଖିବାକୁ ମିଳିଛି ଯେ ଅପିଲକାରୀମାନେ ଏହି ଆଳ ସହିତ ଆଗକୁ ଆସିଛନ୍ତି ଯେ ଡକ୍ଟର ଶାନ୍ତି ମାଥୁର କେବଳ ଯୁଗ୍ମ ପରିବାର ପାଇଁ ଏବଂ ତରଫରୁ ଜଣେ ବେନାମିଦାର । ଯଦି ତାହା ହେଉଛି, ତେବେ ବିଜ୍ଞ ଅଧିବକ୍ତାଦାତା ଯେଉଁ ନିଷ୍ପତ୍ତି ଉପରେ ନିର୍ଭର କରିଛନ୍ତି, ଯଥା, *ଶିକ୍ଷାଞ୍ଚଳ ଶୁଳ୍କ ନିୟନ୍ତ୍ରକ, ଲକ୍ଷ୍ନୌ ବନାମ ଆଲୋକ ମିତ୍ର,* [1981] 2 SCC 121, ତାହା ମଧ୍ୟ ତାଙ୍କୁ ସାହାଯ୍ୟ କରେ ନାହିଁ । ବାଦପତ୍ର ସଂଶୋଧନକୁ ଆଶ୍ରୟ ନକରି ମଧ୍ୟ ବେନାମୀ କାରବାରର ଆଇନଗତ ପ୍ରଭାବ ଉପରେ ଆଧାର କରି ଏବଂ ଯୁଗ୍ମ ପରିବାରର ସୁବିଧା ପାଇଁ ଡ. ଶାନ୍ତି ମାଥୁର ସମ୍ପତ୍ତିର ନ୍ୟାସୀ ବୋଲି ନିଜର ଯୁକ୍ତି ଉପସ୍ଥାପନ କରିବା ନ୍ୟାସୀଙ୍କ ପାଇଁ ଏହା ସର୍ବଦା ଉନ୍ମୁକ୍ତ । ସେହି ଉଦ୍ଦେଶ୍ୟରେ, କୌଣସି ସ୍ୱଷ୍ଟ ସଂଶୋଧନର ଆବଶ୍ୟକତା ନାହିଁ, କିମ୍ବା ବାଦପତ୍ରରେ ସଂଶୋଧନ କରିବାର ଆବଶ୍ୟକତା ନାହିଁ । ଏହି ପରିସ୍ଥିତରେ, ପ୍ରସଙ୍ଗର ସଂଶୋଧନ ଉପରେ କୌଣସି ମତ ପ୍ରକାଶ ନକରି, ନିମ୍ନ ନ୍ୟାୟାଳୟ ମକଦ୍ଦମାର ବିଚାର ଜାରି ରଖିବା କିମ୍ବା ଆଇନ ଅନୁଯାୟୀ ପ୍ରାଥମିକ ପ୍ରସଙ୍ଗ ସଂଖ୍ୟା 7 ଫଏସଲା କରିବାକୁ ଉନ୍ମୁକ୍ତ ଅଟନ୍ତି ।

ତଦନୁସାରେ ଅପିଲ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ**

**ସୌମ୍ୟରଞ୍ଜନ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**